# NATIONAL NEWS BULLETIN (ODIA)
## 07th July - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ପଞ୍ଚଦେଶୀୟ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ସକାଳେ ଆର୍ଜେଣ୍ଟିନାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ବ୍ରାଜିଲ୍‌ରେ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ।

ଏବଂ

- ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ଆଜି ଚତୁର୍ଥ ଦିନରେ ୬୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଭାରତ ।

# ପି.ଏମ୍. - ଆର୍ଜେଣ୍ଟିନା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘାନା ଏବଂ ତ୍ରିନିଦାଦ୍ ଓ ଟୋବାଗୋ ସଫଳ ଗସ୍ତ ଶେଷ କରିବାପରେ ପଞ୍ଚଦେଶୀୟ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ସକାଳେ ଆର୍ଜେଣ୍ଟିନାର ରାଜଧାନୀ ବ୍ୟୁନୋସ୍ ଆରିଜ୍'ରେ ପହଞ୍ଚିଛନ୍ତି । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି, ଗ୍ଲୋବାଲ୍ ସାଉଥ୍ ସହ ଭାରତର ସମ୍ପର୍କକୁ ମଜବୁତ କରିବା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜି ସନ୍ଧ୍ୟାରେ ଆର୍ଜେଣ୍ଟିନାର ଜାତୀୟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଜେନେରାଲ୍ ଜୋସ୍ ଡି ସାନ୍ ମାର୍ଟିନ୍‌ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ପରେ ଶ୍ରୀ ମୋଦିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ । ଶ୍ରୀ ମୋଦି ଏକ ପ୍ରତିନିଧିସ୍ତରୀୟ ଆଲୋଚନାରେ ଭାଗ ନେବାପରେ ରାଷ୍ଟ୍ରପତି ଜାଭିୟର୍ ମିଲେଇ'ଙ୍କଦ୍ୱାରା ଆୟୋଜିତ ମଧ୍ୟାହ୍ନ ଭୋଜନରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କ୍ଲବ୍ ବୋକା ଜୁନିୟର୍ସ ଫୁଟ୍‌ବଲ୍ ଷ୍ଟାଡିୟମ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ଗସ୍ତକାଳରେ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତା ଆହୁରି ଦୃଢ଼ ହେବା ସହ ସହଯୋଗର ନୂଆ ପଥ ଉନ୍ମୁକ୍ତ ହେବ ବୋଲି ଆଶା କରାଯାଉଛି ।

ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ, ସ୍ୱାସ୍ଥ୍ୟ ଓ ଔଷଧ, ପ୍ରତିରକ୍ଷା ଓ ସୁରକ୍ଷା ଭିତ୍ତିଭୂମି, ଖଣି ଓ ଖଣିଜ ସମ୍ପଦ, କୃଷି ଓ ଖାଦ୍ୟ ସୁରକ୍ଷା,

ସବୁଜ ଶକ୍ତି, ବିପର୍ଯ୍ୟୟ ପରିଚାଳନା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷା ସମ୍ବନ୍ଧରେ ଆଲୋଚନା ହେବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୦୨୪ରେ ବ୍ରାଜିଲ୍‌ର ରିଓ ଡି ଜେନେରିଓ'ଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଆର୍ଜେଣ୍ଟିନା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ କରିଥିଲେ । ଗତ ୫୭ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ ଆର୍ଜେଣ୍ଟିନା ଗସ୍ତ ।

ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଯୋଗ, ଆୟୁର୍ବେଦ, ଦର୍ଶନତତ୍ତ୍ୱ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଦୃଢ଼ ସମ୍ପର୍କ ରହିଛି । ଗତବର୍ଷ ଉଭୟ ଦେଶ ୭୫ ବର୍ଷର କୂଟନୈତିକ ସମ୍ପର୍କ ପାଳନ କରିଥିଲେ । ଆଗାମୀ ଦିନରେ ତୈଳ, ଲିଥିୟମ୍, ତମ୍ବା ଏବଂ ବିଭିନ୍ନ ଖଣିଜ ପଦାର୍ଥ ଆମଦାନୀ କ୍ଷେତ୍ରରେ ଭାରତକୁ ଆର୍ଜେଣ୍ଟିନା ସହଯୋଗ କରିବା ନେଇ ଆଶା ପ୍ରକାଶ କରିଛନ୍ତି । ଆର୍ଜେଣ୍ଟିନା ଗସ୍ତ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନାମ୍ବିୟା ଯିବା ପୂର୍ବରୁ ରିଓ ଡି ଜେନେରିଓଠାରେ ବ୍ରିକ୍ସ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାପାଇଁ ବ୍ରାଜିଲ୍ ଯାତ୍ରା କରିବେ ।

## ଏମ୍.ଇ.ଏ. - ବ୍ରିଫିଙ୍ଗ୍

ବୈଦେଶିକ ମନ୍ତ୍ରଣାଳୟ ସଚିବ ନୀନା ମାଲ୍‌ହୋତ୍ରା କହିଛନ୍ତି, ଭାରତ ଓ ତ୍ରିନିଦାଦ ଏବଂ ଟୋବାଗୋ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ଫଳରେ ସଂସ୍କୃତି, କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ର ଆହୁରି ସୁଦୃଢ଼ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦିଙ୍କ କାରିବିଆନ୍ ରାଷ୍ଟ୍ର ଗସ୍ତ ସମ୍ପର୍କରେ ପୋର୍ଟ୍ ଅଫ୍ ସ୍ପେନ୍‌ରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଅନେକଗୁଡ଼ିଏ ଘୋଷଣା କରାଯାଇଛି । ଏଥିରେ ପ୍ରବାସୀ ଭାରତୀୟଙ୍କୁ ଭାରତୀୟ ନାଗରିକତା କାର୍ଡ଼ ପ୍ରଦାନ ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ତ୍ରିନିଦାଦ୍ ଏବଂ ଟୋବାଗୋରେ ମୋଟ୍ ଜନସଂଖ୍ୟାର ୪୦ରୁ ୪୫ ପ୍ରତିଶତ ପ୍ରବାସୀ ଭାରତୀୟ ଅଟନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ କହିଥିଲେ ।

***Voice (PM Man ki baat)*** :............

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି କାର୍ଡ଼ ପ୍ରଦାନଦ୍ୱାରା ସେମାନେ ବିନା ପ୍ରତିବନ୍ଧକରେ ଭାରତରେ ବସବାସ କରିବା ସହିତ କାର୍ଯ୍ୟ କରିପାରିବେ । ଭାରତ ସହିତ ନିଜର ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ନିଜର ପୈତୃକ ଭୂମିକୁ ପରିଦର୍ଶନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ସେଠାକାର ଭାରତୀୟ ବଂଶୋଦ୍ଭବଙ୍କୁ ଅନୁରୋଧ କରିଛନ୍ତି । ତ୍ରିନିଦାଦ ଓ ଟୋବାଗୋ ୟୁ.ପି.ଆଇ. ଆପଣେଇବା ଦିଗରେ ଆଫ୍ରିକୀୟ ଅଞ୍ଚଳର ପ୍ରଥମ ରାଷ୍ଟ୍ର ହୋଇଥିବାରୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ଏହାଦ୍ୱାରା ଉଭୟ ଭାରତ ଏବଂ ତ୍ରିନିଦାଦ ଓ ଟୋବାଗୋ ଲାଭବାନ ହେବ ବୋଲି ସେ କହିଛନ୍ତି । ଗତକାଲି ସେଠାକାର ସଂସଦର ଯୁଗ୍ମ ଅଧିବେଶନକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (PM Democracy)*** :............

# ପି.ଏମ୍. - ବ୍ରିକ୍ସ ସମ୍ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓ ପରଦିନ ବ୍ରାଜିଲ୍‌ର ରିଓ ଡି ଜେନେରିଓରେ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ । ପରେ ପ୍ରଧାନମନ୍ତ୍ରୀ ବ୍ରାସେଲିଆ ଗସ୍ତ କରିବେ । ପ୍ରାୟ ୬ ଦଶନ୍ଧି ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ବ୍ରାସେଲିଆ ଗସ୍ତ ହେବ । ଗସ୍ତ ସମୟରେ ଶ୍ରୀ ମୋଦି ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା'ଙ୍କ ସମେତ ଅନେକ ବିଶ୍ୱ ନେତାଙ୍କ ସହିତ ଆଲୋଚନା କରିବେ ।

ପ୍ରଧାନମନ୍ତ୍ରୀ ବ୍ରିକ୍ସ ଫୋରମ୍‌ର ସଦସ୍ୟ ଥିବା ୧୦ଟି ଦେଶ ସହ ଭାରତର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରେବେ । ବ୍ରିକ୍ସ ବିଶ୍ୱ ଜି.ଡି.ପି.ର ଅଣଚାଳିଶ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ୨୩ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବାବେଳେ ପୁଞ୍ଜିନିବେଶ କ୍ଷେତ୍ରରେ ୨୪ ପ୍ରତିଶତ ଏବଂ ତୈଳ ଉତ୍ପାଦନରେ ୪୩ ପ୍ରତିଶତ ଅବଦାନ ରଖିଛି । ବ୍ରିକ୍ସ ସମ୍ମିଳନୀରେ ସ୍ୱାସ୍ଥ୍ୟ, ବାଣିଜ୍ୟ, ପୁଞ୍ଜିନିବେଶ, ଜଳବାୟୁ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତ୍ତା, ବହୁପକ୍ଷୀୟ ଶାନ୍ତି ଓ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି ।

# ଓଡ଼ିଶା - ବାହୁଡ଼ାଯାତ୍ରା

ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ଆଜି ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହେଉଛି । ନବଦିନାତ୍ମକ ଯାତ୍ରା ଶେଷ କରି ଶ୍ରୀଜିଉମାନେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡିବେ । ଏଥିପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ପ୍ରସ୍ତୁତ ରହିଛି । ବାହୁଡାଯାତ୍ରା ପାଇଁ ଭୋରରୁ ମଙ୍ଗଳ ଆଳତି, ମଇଲମ ଓ ମଙ୍ଗଳାର୍ପଣ ନୀତି ଶେଷ ହୋଇଥିବାବେଳେ ପରେ ଡୋରଲାଗି ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ପ୍ରାୟ ୧୨ଟାରେ ମହାପ୍ରଭୁଙ୍କୁ ପହଣ୍ଡି କରାଯିବ । ଅପରାହ୍ନରେ ଛେରାପହଁରା ନୀତି ସହ ଚାରମାଳ ଫିଟାଯାଇ ଘୋଡା ଯୋଚାଯିବ ଏବଂ ଅପରାହ୍ନ ପ୍ରାୟ ୪ଟାବେଳେ ରଥଟଣା ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ ................

*ବାହୁଡାଯାତ୍ରାକୁ ଶୃଙ୍ଖଳିତଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି ।*

*ମହାପ୍ରଭୁଙ୍କ ସୁନାବେଶ ଆସନ୍ତାକାଲି ଏବଂ ସୋମବାର ଦିନ  ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ । ଏହି ଅବସରରେ    ଶ୍ରଦ୍ଧାଳୁମାନଙ୍କର ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ  ଶ୍ରୀଜଗନ୍ନାଥ ମନ୍ଦିର, ଗୁଣ୍ଡିଚା ମନ୍ଦିର ଏବଂ ବଡଦାଣ୍ଡ ଅଞ୍ଚଳକୁ ନୋ ଫ୍ଲାଇଙ୍ଗ୍ ଜୋନ ଭାବେ ଘୋଷଣା*

*କରାଯାଇଛି । ଏହି ସବୁ ଅଞ୍ଚଳରେ ଡ୍ରୋନ ଉଡାଣକୁ ସମ୍ପୂର୍ଣ୍ଣଭାବେ ନିଷିଦ୍ଧ କରାଯାଇଥିବାବେଳେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ।*

*ଆକାଶବାଣୀ ସମ୍ବାଦ ବିଭାଗପାଇଁ ମୁଁ ଆଦିତ୍ୟ ନାରାୟଣ ଦାଶ୍ ।*

# ରିଜିଜୁ- ହଜ୍ ଆପ୍ଲିକେସନ୍ ୨୦୨୬

ଆସନ୍ତା ବର୍ଷ ହଜ୍ ଯାତ୍ରା ନିମନ୍ତେ ସରକାର ଏକ ସପ୍ତାହ ମଧ୍ୟରେ ଆବେଦନପତ୍ର ଗ୍ରହଣ କରିବା ଆରମ୍ଭ କରିବେ । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ସୂଚନା ଦେଇଛନ୍ତି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଆବେଦନକାରୀ ନିଜର ଫର୍ମ ପୂରଣ କରି ଦାଖଲ କରିବା ଲାଗି ସେ ନିବେଦନ କରିଛନ୍ତି । ଏହାଛଡ଼ା ନିର୍ଦ୍ଧାରିତ ସମୟ ପୂର୍ବରୁ ସାଉଦିଆରବ ସରକାରଙ୍କ ନିକଟରେ ଆବଶ୍ୟକ ଅର୍ଥ ଦାଖଲ କରିବା ନିମନ୍ତେ ଭାରତର ହଜ୍ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି । ୬୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ହଜ୍ ଯାତ୍ରୀଙ୍କ ଯତ୍ନ ନେବା ଲାଗି ସାଥିରେ ଆଉ ଜଣେ ବ୍ୟକ୍ତିଙ୍କୁ ନେବା ବାଧ୍ୟତାମୂଳକ କରାଯାଇଛି । ସେହିଭଳି ପୁରୁଷ ଏବଂ ମହିଳାଙ୍କ ଲାଗି ସ୍ୱତନ୍ତ୍ର ରହିବା

ବ୍ୟବସ୍ଥା କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ୟୁ.ଏସ୍. ଫ୍ଲଡ୍

ଆମେରିକାରରେ ବନ୍ୟାରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି । ଟେକ୍ସାସ୍‌ର କେତେକ ଅଞ୍ଚଳରେ ପ୍ରବଳ ବନ୍ୟା ଆସିବାରୁ ୨୦ ଜଣ ପିଲା ନିଖୋଜ ଥିବା ଜଣାପଡ଼ିଛି । ସୂଚନା ଅନୁସଯାୟୀ, ଗୁଆଡାଲୁପ ନଦୀରେ ହଠାତ୍ ୨୬ ଫୁଟ୍ ଉଚ୍ଚର ବନ୍ୟାଜଳ ମାଡ଼ିଆସିବାରୁ ମାତ୍ର ୪୫ ମିନିଟ୍ ସମୟ ମଧ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏକ କ୍ୟାମ୍ପ୍‌ରେ ୭୫୦ ଜଣ ଛାତ୍ରଛାତ୍ରୀ ଥିବାବେଳେ ସେମାନଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଛି ।

## କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ

ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଭାରତ ୬୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତ ଦ୍ୱିତୀୟ

ଇନିଙ୍ଗ୍‌ସରେ ୨୪୪ ରନ୍ ଆଗରେ ରହିଛି । ଏଜ୍‌ବାଷ୍ଟନ୍‌ଠାରେ ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍ ସମୟରେ ଖେଳ ଆରମ୍ଭ ହେବ ।

ଗତକାଲି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା କେ.ଏଲ୍. ରାହୁଲ୍ ଏବଂ କରୁଣ ନାୟାର୍ ଅପରାଜିତ ଥିଲେ । ପୂର୍ବରୁ ମହମ୍ମଦ ସିରାଜ୍ ୬ଟି ଓ୍ୱିକେଟ୍ ଏବଂ ଆକାଶଦୀପ୍ ୪ଟି ଓ୍ୱିକେଟ୍ ନେଇଥିବାବେଳେ ଇଂଲଣ୍ଡ ପ୍ରଥମ ଇନିଙ୍ଗ୍‌ସରେ ୪୦୭ ରନ୍ ସ୍କୋର୍ କରିଥିଲା । ଜେମିସ୍ ସ୍ମିଥ୍ ୨୦୭ଟି ବଲ୍‌ରୁ ୧୮୪ ରନ୍ ଏବଂ ହାରି ବ୍ରୁକ୍ ୨୩୪ଟି ବଲ୍‌ରୁ ୧୫୮ ରନ୍ ସ୍କୋର୍ କରିଥିଲେ । ଭାରତ ପ୍ରଥମ ଇନିଙ୍ଗ୍‌ସରେ ୫୮୭ ରନ୍ ସ୍କୋର୍ କରିଛି । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରଜ୍‌ରେ ଇଂଲଣ୍ଡ ୧-୦ରେ ଆଗରେ ରହିଛି ।

## ଓ୍ୱମେନ୍ ଟି-୨୦ କ୍ରିକେଟ୍

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ମହିଳା କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ତୃତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ଇଂଲଣ୍ଡ ୫ ରନ୍‌ରେ ଭାରତକୁ ପରାସ୍ତ କରିଛି । ଲଣ୍ଡନର ଓଭାଲ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୭୨ ରନ୍‌ର ପିଛା କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୬୬ ରନ୍ ସ୍କୋର୍ କରିବାକୁ ସମର୍ଥ ହୋଇଥିଲା । ସ୍ମୃତି ମାନ୍ଧାନା ଅଣଚାଶଟି

ବଲ୍‌ରୁ ୫୬ ରନ୍ ସଂଗ୍ରହ କରିଥିବାବେଳେ ଲରେନ୍ ଫିଲର୍ ୨ଟି ୱିକେଟ୍ ଅକ୍ତିଆର କରିଥିଲେ ।

ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୦ ଓଭର୍‌ରେ ୯ଟି ୱିକେଟ୍ ହରାଇ ୧୭୧ ରନ୍ ସ୍କୋର୍ କରିଥିଲା । ଅରୁନ୍ଧତୀ ରେଡ୍ଡୀ ଏବଂ ଦୀପ୍ତି ଶର୍ମା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ସୋଫିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ତୃତୀୟ ମ୍ୟାଚ୍‌ରେ ପରାସ୍ତ ସତ୍ତ୍ୱେ ଭାରତ ୨-୧ରେ ସିରିଜ୍ ଆଗୁଆ ରହିଛି ।

## ଚେସ୍ - ଡି ଗୁକେଶ

କ୍ରୋଏସିଆର ଜାଗ୍ରେବରେ ଅନୁଷ୍ଠିତ ୨୦୨୫ ଗ୍ରାଣ୍ଡ ଚେସ୍ ଟୁର୍‌ର ରାପିଡ୍ ଏବଂ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ପୂର୍ବତନ ବିଶ୍ୱ ଚାମ୍ପିୟନ୍ ଗୁକେଶ୍ ଡୋମାରାଜୁ ରାପିଡ୍ ଟାଇଟଲ୍ ହାସଲ କରିଛନ୍ତି । ୧୯ ବର୍ଷୀୟ ଭାରତୀୟ ଖେଳାଳି ଡି. ଗୁକେଶ ଗତକାଲି ଶେଷ ରାଉଣ୍ଡ୍‌ରେ ଆମେରିକାର ୱେସ୍‌ଲି ସୋ'ଙ୍କୁ ପରାସ୍ତ କରିଛନ୍ତି । ଏହା ତାଙ୍କର ସପ୍ତମ ବିଜୟ । ସେ ୧୮ରୁ ୧୪ ପଏଣ୍ଟ ସ୍କୋର୍ କରି ତାଲିକାର ଶୀର୍ଷରେ ରହିଛନ୍ତି । ପୋଲାଣ୍ଡ୍‌ର ଖେଳାଳି ଦ୍ୱିତୀୟ ସ୍ଥାନରେ ଥିବାବେଳେ ନରୱେର ଖେଳାଳି ତୃତୀୟ ସ୍ଥାନରେ ରହିଛନ୍ତି ।

*****